# ତହସିଲଦାରଙ୍କ କାର୍ଯ୍ୟାଳୟ, କୋଦଳା

ବିଜ୍ଞପ୍ତି ସଂଖ୍ୟା 2479 ତା. 12/07/2018

# ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

## [ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-2016 ଅନୁଯାୟୀ]

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ କୋଦଳା ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ୍ତ (Annexure-I) ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡ଼ିକୁ ଅନୂନ୍ୟ 5 (ପାଞ୍ଚ) ବର୍ଷ ନିମନ୍ତେ (2018-19 ଠାରୁ 2022-23 ପର୍ଯ୍ୟନ୍ତ) ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

**ପ୍ରକାଶ ଥାଉକି ଲିଜ୍ ରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଉତ୍ସ ଗୁଡ଼ିକୁ ପରିଦର୍ଶନ କରି, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।**

ଇଚ୍ଛୁକ ବ୍ୟକ୍ତିମାନେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-2016 ବର୍ଣ୍ଣିତ **ତିନିକିତା ଫର୍ମ-M** ପୂରଣକରି ତତ୍ ସହିତ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ୍ ଦାଖଲ କରିବା ହେବେ ।

1. ଦରଖାସ୍ତ ଫି ବାବଦକୁ ଟ 1,000/- (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲନ୍ (Head of Account-0853-Non-Ferrous Mining and Metallurgical Industries-102-Mineral concession Fees, Rents & Royalties), ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
2. ଉତ୍ସର ନାମ, ତଫସିଲ ଓ ସରହଦର ବିବରଣୀ ସଂଲଗ୍ନ କରିବା ହେବେ ।
3. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ।
4. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲ୍ଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣପତ୍ର (Solvency Certificate) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) (ଯାହାର ଅବଧି ଅନ୍ତତଃ ଅଠର ମାସ ହେବା ଆବଶ୍ୟକ) [Requisite Extent of Solvency = Minimum Guaranteed Quantity / Bank Guarantee X (Offered Additional Charge + Royalty)]

ଅ.ପୃ.ଦେ

5. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲ୍ଟି ର ଶତକଡ଼ା 5 ଭାଗ EMD (Earnest Money Deposit) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକକୃତ ବା Pledged ବ୍ୟାଙ୍କ ଡ୍ରାଫଟ୍ ମାଧ୍ୟମରେ ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।
6. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତ୍ତି ତାଲିକା । ଯଦି ଦରଖାସ୍ତକାରୀ ଚାହାଁନ୍ତି ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ତଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଂଲଗ୍ନ କରିପାରନ୍ତି ।
7. ଗତ ବର୍ଷର ଆୟକର ଦାଖଲ ( Income Tax Return Filing) ବିବରଣୀର ନକଲ ।
8. **ଦରଖାସ୍ତକାରୀ ଲଫାପାର ଉପରି ଭାଗରେ ବଡ଼ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ୍ ନଂ. ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।**

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ-ଦିଆ ଲଫାପାରେ ରେଜିଷ୍ଟ୍ରି ଡ଼ାକ ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ତା. 25.07.2018 ରିଖ ଠାରୁ ତା. 30.07.2018 ରିଖ ଅପରାହ୍ନ 2 ଘଟିକା ସୁଦ୍ଧା ଯେକୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । ଉକ୍ତ ଦିନ ଅର୍ଥାତ୍ 30.07.2018 ଅପରାହ୍ନ 3 ଘଟିକା ସମୟରେ ଦରଖାସ୍ତ ଗୁଡ଼ିକ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଟେଣ୍ଡର ବାକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯାଇ ଚୁଡ଼ାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ। ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

ଠିକଣା-

**ତହସିଲଦାରଙ୍କ କାର୍ଯ୍ୟାଳୟ, କୋଦଳା,**
**ଗ୍ରାମ / ପୋଷ୍ଟ – କୋଦଳା, ଜିଲ୍ଲା- ଗଞ୍ଜାମ (ଓଡ଼ିଶା),**
**ପିନ୍- 761032 ।**

**ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ର କୁ ଯୋଗ୍ୟ ବିବେଚିତ କରାଯିବ ।**

**ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନିତ କରାଯିବ ।**

**ଆବେଦନକାରୀ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟ ହୋଇଥିବା ରୟାଲ୍ଟି ମୂଲ୍ୟ ଏବଂ Steel & Mines Department, Govt. Of Odisha ର ଚିଠି ନଂ 4505 ତା. 21.05.2016**

ଅ.ପୃ.ଦେ

ଏବଂ **OMMC Rules-2016 ନିର୍ଦ୍ଦେଶ ପ୍ରକାରେ ଆବେଦନକାରୀ ଅତିରିକ୍ତ ଦେୟର ପରିମାଣ ରୟାଲିଟି ମୂଲ୍ୟର ଶତକଡ଼ା 5 ଠାରୁ କମ୍ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।**

ଯୋଗ୍ୟବିବେଚିତ ଆବେଦନକାରୀଙ୍କୁ ମନୋନୋୟନ 7 (ସାତ) ଦିନ ମଧ୍ୟରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମ (F) ରେ ଜଣାଇଦିଆଯିବ । ସୂଚନା ପାଇବାର 15 ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଓ ଆମନତ ରାଶି ଦେୟ ( Security Deposit) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ ( District Mineral Foundation ) ଦେବାକୁ ଥିବା ଦେୟରୁ ଏକ ଚତୁଃର୍ଥାଂଶରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ଜମାକରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି **ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଯଦି ମନୋନୀତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶ ପଇଠ ନ କରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।**

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜି ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତା ହେଲେ ଇଚ୍ଛୁକ ବ୍ୟକ୍ତିମାନେ ତା 31.07.2018 ରିଖ ଠାରୁ ତା. 04.08.2018 ରିଖ ମଧ୍ୟରେ ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ଅପରାହ୍ନ 2 ଘଟିକା ସୁଦ୍ଧା ଆବେଦନ କରିପାରିବେ ଏବଂ ଆବେଦନ କରାଯାଇଥିବା ଦରଖାସ୍ତକୁ ସେହି ଦିନ ଅର୍ଥାତ୍ ତା 04.08.2018 ରିଖ ଅପରାହ୍ନ 3 ଘଟିକା ସମୟରେ ଟେଣ୍ଡର ବାକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ । ସେହିପରି ଦ୍ୱିତୀୟଥର ମଧ୍ୟ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସି ନଥାଏ କିମ୍ବା ସମସ୍ତ ଦରଖାସ୍ତ ଗୁଡ଼ିକ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ତଥା ଶେଷଥର ପାଇଁ ତା 06.08.2018 ରିଖ ରୁ 09.08.2018 ରିଖ ମଧ୍ୟରେ ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ଅପରାହ୍ନ 2 ଘଟିକା ସୁଦ୍ଧା ଦରଖାସ୍ତ ଦାଖଲ କରିପାରିବେ ଏବଂ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧୀକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତରେ ସେହି ଦିନ ଅର୍ଥାତ୍ ତା 09.08.2018 ରିଖ ଅପରାହ୍ନ 3 ଘଟିକା ସମୟରେ ଟେଣ୍ଡର ବାକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି କୌଣସି ସଇରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ, ତେବେ ଏହି ଦରଖାସ୍ତଟିକୁ ଖୋଲା ନଯାଇ ପରବର୍ତ୍ତି ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି, ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତିତ, ସେହି ଉତ୍ସ ପାଇଁ ଆଉ କୌଣସି ଦରଖାସ୍ତ ଗ୍ରହଣ କରା ନଯାଇଥାଏ, ତେବେ ସେହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲା ଯିବ ।

**ମନୋନୀତ ଆବେଦନକାରୀ ତିନି ମାସ ମଧ୍ୟରେ Mining Plan ତଥା Environmental Clearance ଦାଖଲ କରି ଫର୍ମ-N ରେ ନିଜସ୍ୱ ଖର୍ଚ୍ଚରେ ଚୁକ୍ତିପତ୍ର ସମ୍ପାଦନ କରିବା ବାଧ୍ୟତାମୂଳକ ଅଟେ ।** ଅନ୍ୟଥା ଆଇନ ଅନୁଯାୟୀ ଲିଜ୍ ନାକଚ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହେବ।

ଅ.ପୃ.ଦେ

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନିତ ଆବେଦନକାରୀଙ୍କୁ State Pollution Control Board ର Consent to Operate Order ଏହି କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ । ବିନା Consent to Operate Order ରେ ଲିଜ୍ ଧାରୀ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

ପଥର ପାଇଁ ସର୍ବନିମ୍ନ ରୟାଲଟି ମୂଲ୍ୟ ଘନ ମିଟର ପ୍ରତି ( per cubic meter) ଯଥାକ୍ରମେ ଟ. 130/-ଅଟେ ଏବଂ ଅତିରିକ୍ତ ମୂଲ୍ୟ ଘନ ମିଟର ପ୍ରତି ଟ. 7 ଙ୍କା ଅଟେ ।

ଲିଜଧାରୀ ସଇରାତ ଉତ୍ସର (Mining Plan) ନକ୍ସା ଅନୁଯାୟୀ ଏହା ସୀମାସରହଦ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ସୂଚନା ଫଳକ (Display Board) ଲଗାଇବେ ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ ରହିବ ।

ଲିଜ୍ ଧାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ (ରିହାତି) ନିୟମ-2016 ର ଓ ତତ୍ ପରବର୍ତ୍ତି ସମସ୍ତ ସରକାରୀ ଓ ଅଦାଲତର ଆଦେଶ ମାନିବାକୁ ବାଧ୍ୟ ହେବେ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସ୍ୱାକ୍ଷରାକାରୀଙ୍କର ରହିଛି । କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

**ସଲଗ୍ନକ – Annexure-I**

**ତହସିଲଦାର, କୋଦଳା**

**ପରିପତ୍ର ସଂଖ୍ୟା. 2480** **ତା. 12/07/2018**

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକ / ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବେଗୁନିଆପଡ଼ା / ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରେ ବ୍ୟାପକ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

**ତହସିଲଦାର, କୋଦଳା**

# ANNEXURE - I

| | …hasil | …MMC Case No. | Mouza | Name of the Circle | Type of source | Khata No. | Status | Plot No. | Area in Ac. | Area in Hect. | Name & Location | Mode of Disposal | Upset price per 1Cum. (For different type of minor minerals) | Additional Charges in Rs. | Solvency | EMD | MGQ |
|---|---|---|---|---|---|---|---|---|---|---|---|---|---|---|---|---|---|
| | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 | 15 | 16 | 17 | 18 |
| 1 | Kodala | 01/2018-19 | Jagilipadar | Beruhanbadi | Stone | 125 | AAA | 45/1 | 11.730 | 4.7489 | Parbat Bani (Karakhai Pahad) | Auction | 130 | 7 | 13974 | 699 (Bank Draft) | 102 |
| 2 | | 02/2018-19 | Sana Ustapada | Beruhanbadi | Stone | 386 | AAA | 1 | 11.150 | 4.5141 | Pahada (Kunda Khai) | Auction | 130 | 7 | 100000 | 3733 (Bank Draft) | 545 |
| | | | | | | | | 103 | 7.502 | 3.0372 | | | | | | | |
| | | | | | | | | 104 | 9.750 | 3.9473 | | | | | | | |
| | | | | | | | | Total | 28.402 | 11.4986 | | | | | | | |
| 3 | | 04/2018-19 | Tirida Banjara-A | Barida | Stone | 339 | AAA | 106 | 5.300 | 2.1457 | Parbat | Auction | 130 | 7 | 45210 | 2260 (Bank Draft) | 330 |
| | | | | | | | | 1247 | 16.800 | 6.8016 | | | | | | | |
| | | | | | | | | Total | 22.100 | 8.9473 | | | | | | | |
| 4 | | 05/2018-19 | Jogi agula | Beruhanbadi | Stone | 425 | AAA | 1873 | 7.951 | 3.2177 | Parbat | Auction | 130 | 7 | 149067 | 7303 (Bank Draft) | 1088 |
| 5 | | 06/2018-19 | Rengitipalli (C) | Phasi | Stone | 494 | AAA | 12 | 1.126 | 0.4557 | Parbat (Dolia Pahad) | Auction | 130 | 7 | 800000 | 17125 (Bank Draft) | 2500 |
| | | | | | | | | 258 | 4.938 | 1.9984 | | | | | | | |
| | | | | | | | | 259 | 2.879 | 1.1651 | | | | | | | |
| | | | | | | | | 260 | 3.688 | 1.4925 | | | | | | | |
| | | | | | | | | 262 | 4.000 | 1.6188 | | | | | | | |
| | | | | | | | | 263 | 4.000 | 1.6188 | | | | | | | |
| | | | | | | | | 264 | 5.625 | 2.2764 | | | | | | | |
| | | | | | | | | 265 | 5.000 | 2.0235 | | | | | | | |
| | | | | | | | | 266 | 5.000 | 2.0235 | | | | | | | |
| | | | | | | | | 267 | 5.000 | 2.0235 | | | | | | | |
| | | | | | | | | 268 | 2.500 | 1.0117 | | | | | | | |
| | | | | | | | | 269 | 5.000 | 2.0235 | | | | | | | |
| | | | | | | | | 270 | 8.750 | 3.5411 | | | | | | | |
| | | | | | | | | Total | 57.506 | 23.2724 | | | | | | | |
| 6 | | 07/2018-19 | Beruhanbadi | Beruhanbadi | Morrum | 429 | AAA | 1029 | 3.575 | 1.4467 | Dhimira | Auction | 35 | 2 | 50000 | 2500 (Bank Draft) | 365 |

# ANNEXURE - I

| Sl No. | Name of the Tahasil | OMMC Case No. | Mouza | Name of the Circle | Type of source | Khata No. | Status | Plot No. | Area in Ac. | Area in Hect. | Name & Location | Mode of Disposal | Upset price per 1Cum. (For different type of minor minerals) | Additional Charges in Rs. | Solvency | EMD | MGQ |
|---|---|---|---|---|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 | 15 | 16 | 17 | 18 |
| 7 | Kodala | 08/2018-19 | *Barida* | *Barida* | *Stone* | *1349* | AAA | *496* | *12.18* | *4.9291* | *Parbat (AAA)* | Auction | *130* | 7 | 1000000 | *7865/- (Bank Draft)* | *1210* |
| 8 | | 09/2018-19 | *Basanta Bana -219* | *Basanta Bana -219 (A)* | *Stone Quarry* | *95* | AAA | *654* | *12.1* | *4.8968* | *Patharabani (AAA)* | Auction | *130* | 7 | 1000000 | *7865/- (Bank Draft)* | *1210* |
| 9 | | 10/2018-19 | *Basanta Bana -219* | *Basanta Bana -219 (B)* | *Stone Quarry* | *95* | AAA | *404* | *12.2* | *4.9372* | *Patharabani (AAA)* | Auction | *130* | 7 | 1100000 | *9075/- (Bank Draft)* | *1400* |
| 10 | | 12/2018-19 | *Rengitipalli* | *Rengitipalli –D-* | *Stone Quarry* | *494* | AAA | *25* | *10.875* | *4.401* | *Parbat (AAA)* | Auction | *130* | 7 | 1300000 | *8000/- (Bank Draft)* | *1230* |
| 11 | | 13/2018-19 | *Rengitipalli* | *Rengitipalli –E-* | *Stone Quarry* | *494* | AAA | *12* | *12* | *4.8563* | *Parbat (AAA)* | Auction | *130* | 7 | 1300000 | *8500/- (Bank Draft)* | *1310* |

12-7-18

Tahasildar, Kodala